ହରିପଦ ଦେ

1956
*ସେପ୍ଟେମ୍ବର 5*

*ବନାମ*

ପଶ୍ଚିମ ବଙ୍ଗ ରାଜ୍ୟ

ଏବଂ ଅନ୍ୟଜଣେ

*[ଭଗୱତୀ, ଜାଫର ଇମାମ ଏବଂ ଗୋବିନ୍ଦ ମେନନ, ନ୍ୟାୟମୂର୍ତ୍ତିବୃନ୍ଦ ]*

ଭାରତୀୟ ସମ୍ବିଧାନ, ଅନୁଚ୍ଛେଦ 134 (1) (c)-ଉଚ୍ଚ ନ୍ୟାୟାଳୟର ଅଧିକାରିତା - କେବଳ ତଥ୍ୟର ପ୍ରଶ୍ନ ଉପରେ ପ୍ରମାଣପତ୍ର – ଆଦୌ ପ୍ରମାଣ ପତ୍ର ନୁହେଁ - ଭାରତୀୟ ସମ୍ବିଧାନ, ଅନୁଚ୍ଛେଦ 136(1) – (ଆହ୍ୱାନ ହେବାକୁ ଥିବା କେବଳ ତଥ୍ୟଗତ ପ୍ରଶ୍ନ ଉପରେ ହସ୍ତକ୍ଷେପ କରିବାକୁ ସର୍ବୋଚ୍ଚ ନ୍ୟାୟଳୟଙ୍କ ଅଧିକରିତା - ଉଚ୍ଚ ନ୍ୟାୟାଳୟ ସେହି କାର୍ଯ୍ୟ ପାଇଁ ନିଜେ ଅନଧିକାର ଗ୍ରହଣ କରିବ ନାହିଁ- ପ୍ରତିପକ୍ଷ ଦ୍ୱାରା ପ୍ରମାଣର ଉପସ୍ଥାପନ ତ୍ରୁଟି ପାଇଁ ଅଭିଯୋଗ ପକ୍ଷକୁ ଦୋଷ ଦିଆଯିବ ନାହିଁ ।

କେବଳ ତଥ୍ୟଗତ ପ୍ରଶ୍ନ ଉପରେ ସମ୍ବିଧାନର ଅନୁଚ୍ଛେଦ 134 (1) (c) ଅନୁଯାୟୀ ପ୍ରମାଣପତ୍ର ପ୍ରଦାନ କରିବାକୁ ଉଚ୍ଚ ନ୍ୟାୟାଳୟର କୌଣସି ଅଧିକାରିତା ନାହିଁ, ଏବଂ ଏପରି ପ୍ରଶ୍ନକୁ ଅଧିକ ବିଚାର ପାଇଁ ସର୍ବୋଚ୍ଚ ନ୍ୟାୟାଳୟକୁ ପଠାଇବା ନ୍ୟାୟସଙ୍ଗତ ନୁହେଁ, ଯାହା ଦ୍ୱାରା ସର୍ବୋଚ୍ଚ ନ୍ୟାୟାଳୟ ଏକ ତଥ୍ୟ ଆଧାରିତ ଆବେଦନ ନ୍ୟାୟାଳୟରେ ରୂପାନ୍ତରିତ ହେଇଯାଏ ।

ଏଥିରେ କୌଣସି ସନ୍ଦେହ ନାହିଁ ଯେ ନ୍ୟାୟର ଘୋର ଦୁରୁପଯୋଗ କିମ୍ବା ଆଇନଗତ ପ୍ରକ୍ରିୟାରୁ ବିଚ୍ୟୁତ ହେବା କ୍ଷେତ୍ରରେ, ଯାହା ସମଗ୍ର ବିଚାରକୁ ବ୍ୟର୍ଥ କରେ, ସମ୍ବିଧାନର ଅନୁଚ୍ଛେଦ 136 (1) ଅନୁଯାୟୀ ସର୍ବୋଚ୍ଚ ନ୍ୟାୟାଳୟର ହସ୍ତକ୍ଷେପ କରିବାର କ୍ଷମତା ଏବଂ ସ୍ୱତନ୍ତ୍ର ଅଧିକାରିତା ରହିଛି ଏବଂ ଯଦି ତଥ୍ୟର ଫଳାଫଳ ଏପରି ଥିଲା ଯାହା ନ୍ୟାୟିକ ବିବେକକୁ ଚକିତ କରିଥିଲା; କିନ୍ତୁ କୌଣସି ଉଚ୍ଚ ନ୍ୟାୟାଳୟ ସେହି କାର୍ଯ୍ୟ ପାଇଁ ନିଜେ ଅନଧିକାର ଗ୍ରହଣ କରିପାରିବେ ନାହିଁ କାରଣ ଅଭିଯୋଗର ପ୍ରତିକାର କରିବାରେ ନିଜକୁ ଅସହାୟ ମନେ କରେ । କେବଳ ତଥ୍ୟଗତ ପ୍ରଶ୍ନ ଉପରେ ଦିଆଯାଇଥିବା ପ୍ରମାଣପତ୍ର କୌଣସି ପ୍ରମାଣପତ୍ର ହେବ ନାହିଁ; ଉଚ୍ଚ ନ୍ୟାୟାଳୟ ଅନୁଚ୍ଛେଦ 134 (1) (c ) ଅନୁଯାୟୀ ଏପରି ପ୍ରମାଣପତ୍ରକୁ ପ୍ରତ୍ୟାଖ୍ୟାନ କରିବା ଉଚିତ ଏବଂ ସମ୍ବିଧାନର

ଅନୁଚ୍ଛେଦ 136 (1) ଅନୁଯାୟୀ ଏହାର ସ୍ୱତନ୍ତ୍ର ଅଧିକାରିତା କ୍ଷେତ୍ରକୁ ଆହ୍ୱାନ କରିବା ପାଇଁ ପକ୍ଷମାନଙ୍କୁ ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିକଟକୁ ଯିବାକୁ କହିବା ଉଚିତ ।

ପ୍ରତିରକ୍ଷା ପକ୍ଷ ତାଙ୍କ ଯୁକ୍ତିକୁ ସମର୍ଥନ କରି ପ୍ରମାଣ ଉପସ୍ଥାପନ ନକରିବା ତ୍ରୁଟି ପାଇଁ ଅଭିଯୋଗ ପକ୍ଷକୁ ନୁହେଁ, ଅଭିଯୁକ୍ତକୁ ଦାୟୀ କରାଯିବା ଉଚିତ, ଯାହା ପରବର୍ତ୍ତୀ ସମୟରେ ଅଭିଯୋଗ ପକ୍ଷର ମାମଲାକୁ ଧ୍ୱଂସ କରିଦେଇଥାନ୍ତା ।

*ନରସିଂହ ଏବଂ ଅନ୍ୟମାନେ ବନାମ ଉତ୍ତର* ପ୍ରଦେଶ ରାଜ୍ୟ, ([1955] 1 S.C.R. 238), *ବଲାଦିନ ଏବଂ ଅନ୍ୟମାନେ ବନାମ ଉତ୍ତର ପ୍ରଦେଶ ରାଜ୍ୟ,* (A.I.R. 1956 S.C. 181) ଏବଂ ସୁନ୍ଦର ସିଂହ *ବନାମ ଉତ୍ତର ପ୍ରଦେଶ ରାଜ୍ୟ, (A.I.R. 1956 S.C.* 411), ଉଲ୍ଲେଖ କରାଯାଇଛି ।

ଫୌଜଦାରୀ ଆବେଦନ ଅଧିକରିତା: ଫୌଜଦାରୀ ଆବେଦନ ସଂଖ୍ୟା 86/1954 ।

ଫୌଜଦାରୀ ଆବେଦନ ସଂଖ୍ୟା 158/1953 ରେ କଲିକତା ଉଚ୍ଚ ନ୍ୟାୟାଳୟଙ୍କ 27 ମେ, 1954 ମସିହା ତାରିଖର ରାୟ ଏବଂ ଆଦେଶରୁ ଭାରତର ସମ୍ବିଧାନର ଅନୁଚ୍ଛେଦ 134 (1) (c) ଅନୁଯାୟୀ ଆବେଦନ।

ଆବେଦନକାରୀଙ୍କ ପାଇଁ *ସୁକୁମାର ଘୋଷ* ।

ପ୍ରଥମ ଉତ୍ତରଦାତାଙ୍କ ପାଇଁ *ପି. କେ. ବୋଷଙ୍କ* ପାଇଁ *ଡି. ଏନ୍. ମୁଖାର୍ଜୀ* ।

ଉତ୍ତରଦାତା ସଂଖ୍ୟା 2ଙ୍କ ପାଇଁ *କେ. ଏଲ. ଆରୋରା* ।

1956 ମସିହା ସେପ୍ଟେମ୍ବର 5 ।ନ୍ୟାୟାଳୟଙ୍କର ରାୟ ପ୍ରଦାନ କରାଯାଇଥିଲା

ନ୍ୟାୟାଧୀଶ ଭଗୱତୀଙ୍କ ଦ୍ୱାରା.- WBD 4515 ସଂଖ୍ୟା ବିଶିଷ୍ଟ ଏକ ହିଲମାନ କାରକୁ ଯାହାର ଇଞ୍ଜିନ ଏବଂ ଚେସିସ ସଂଖ୍ୟା ହେଉଛି A1178482WSO ଏକ ଚୋରି ସମ୍ପତ୍ତି ଜାଣି କିମ୍ବା ଚୋରୀ ସମ୍ପତ୍ତି ବୋଲି ବିଶ୍ୱାସ କରିବାର କାରଣ ଥାଇ ଏହାକୁ ଆସାଧୁ ଭାବରେ ଗ୍ରହଣ କରିବା କିମ୍ବା ରଖିଥିବା କାରଣରୁ ଆବେଦନକାରୀଙ୍କୁ ଭାରତୀୟ ଦଣ୍ଡ ସଂହିତାର ଧାରା 411 ଅନୁଯାୟୀ ଅଭିଯୁକ୍ତ କରାଯାଇଥିଲା । କଲିକତାର ବିଦ୍ୱାନ ପ୍ରେସିଡେନ୍ସି ଦଣ୍ଡାଧିକାରୀ ତାଙ୍କୁ ଏହି ଅପରାଧରେ ଦୋଷୀ ସାବ୍ୟସ୍ତ କରିଥିଲେ ଏବଂ ତାଙ୍କୁ 2 ବର୍ଷ ପାଇଁ ସଶ୍ରମ କାରାଦଣ୍ଡ ଆଦେଶ

କରିଥିଲେ । ଆବେଦନକାରୀ କଲିକତା ଉଚ୍ଚ ନ୍ୟାୟାଳୟରେ ଏକ ଆବେଦନ କରିଥିଲେ ଏବଂ ବିଚାରପତି ଜ୍ୟୋତି ପ୍ରକାଶ ମିତ୍ତର ଏବଂ ବିଚାରପତି ଶିଶିର କୁମାର ସେନଙ୍କ ଦ୍ୱାରା ଗଠିତ ଉଚ୍ଚ ନ୍ୟାୟାଳୟର ଏକ ଖଣ୍ଡପୀଠ ତାଙ୍କ ଉପରେ ଦୋଷସାବ୍ୟସ୍ତ କରିବା ଏବଂ ଦଣ୍ଡାଦେଶକୁ କାଏମ ରଖି ଆବେଦନକୁ ଖାରଜ କରିଦେଇଥିଲେ । ଆବେଦନକାରୀ ଏହି ଅଦାଲତରେ ଆବେଦନ କରିବାକୁ ଅନୁମତି ପାଇଁ ଏକ ଆବେଦନ ଦାୟର କରିଥିଲେ ଏବଂ ସେହି ଯାହା ଆମକୁ କୁହାଯାଇଛି, ସେହି ଆବେଦନ ହେଉଛି କଲିକତା ଉଚ୍ଚ ନ୍ୟାୟଳୟରେ ପ୍ରତିଷ୍ଠିତ ପଦ୍ଧତି ଅନୁଯାୟୀ ମାନ୍ୟବର ମୁଖ୍ୟ ବିଚାରପତି ଏବଂ ନ୍ୟାୟାଧୀଶ ଶ୍ରୀଯୁକ୍ତ ଏସ୍. ସି. ଲାହିରୀଙ୍କ ଦ୍ୱାରା ଭିନ୍ନ ଭାବରେ ଗଠିତ ଏକ ଦୁଇ ଜଣିଆ ବିଚାରପତିଙ୍କ ଖଣ୍ଡପୀଠ ସମ୍ମୁଖରେ ଆସିଥିଲା । ଏହି ଖଣ୍ଡପୀଠ ଏହି ଆବେଦନକୁ ମଞ୍ଜୁର କରି ଆଦେଶ ଦେଇଥିଲେ ଯେ ସମ୍ବିଧାନର ଅନୁଚ୍ଛେଦ 134 (1) (c) ଅନୁଯାୟୀ ଆବେଦନ କରିବାକୁ ଅନୁମତି ପାଇଁ ଏକ ପ୍ରମାଣପତ୍ର ପ୍ରସ୍ତୁତ କରାଯାଇପାରିବ । ଏକ ବିସ୍ତୃତ ରାୟରେ ବିଦ୍ୱାନ ମୁଖ୍ୟ ବିଚାରପତି କହିଛନ୍ତି :

"ମୋ ମତରେ ଏହି ମାମଲାରେ ଏକ ଯୋଗ୍ୟତା ପ୍ରମାଣପତ୍ର ଜାରି କରାଯିବା ଉଚିତ, ଯଦିଓ ଏଥିରେ ଜଡିତ ପ୍ରଶ୍ନ ହେଉଛି ଏକ ତଥ୍ୟଗତ ପ୍ରଶ୍ନ ।

ମାମଲାର ବିଭିନ୍ନ ପରିସ୍ଥିତି ବିଷୟରେ ବିସ୍ତୃତ ଭାବରେ ଆଲୋଚନା କରିବା ପରେ, ଯାହା ତାଙ୍କ ଅନୁମୋଦନଲାଭ କରି ନଥିଲା, ଏହା କହି ସମାପ୍ତ କରିଥିଲେ :

"ମୋ ମତରେ, ଏହି ମାମଲାରେ ଏପରି ଅନୁଭବ ନକରିବା ଅସମ୍ଭବ ଯେ ଏକ ପୂର୍ଣ୍ଣ ଏବଂ ନିରପେକ୍ଷ ବିଚାର ହୋଇନାହିଁ, ଯେପରି ହେବା ଉଚିତ ଥିଲା । ଏହି ପରିସ୍ଥିତିରେ, ମୋତେ ଲାଗୁଛି ଯେ ଆବେଦନକାରୀ ତାଙ୍କ ମାମଲା ଉପରେ ଅଧିକ ବିଚାର ନିମନ୍ତେ ହକଦାର ଅଟନ୍ତି ଏବଂ ଯେହେତୁ ଏପରି ଅଧିକ ବିଚାର କେବଳ ସର୍ବୋଚ୍ଚ ନ୍ୟାୟାଳୟ ଦ୍ୱାରା ଦିଆଯାଇପାରିବ, ମୁଁ ଅନୁରୋଧ କରାଯାଇଥିବା ପ୍ରମାଣପତ୍ରକୁ ମଞ୍ଜୁର କରିବି ।

ଆମ ସମ୍ମୁଖରେ ଥିବା ପୂର୍ବ ମାମଲାର ବିପରୀତରେ ଯାହା ଥିଲା,ତାହା ହେଉଛି 1956 ର ଫୌଜଦାରୀ ଆବେଦନ ସଂଖ୍ୟା 146 (*ଓମ୍ ପ୍ରକାଶ ବନାମ ଉତ୍ତର ପ୍ରଦେଶ ରାଜ୍ୟ*), ଯେଉଁଠାରେ ପ୍ରମାଣପତ୍ର ପ୍ରଦାନ କରିବାରେ ନ୍ୟାୟାଳୟ କାହିଁକି ନିଜର ବିବେକିତା ପ୍ରୟୋଗ କରିଥିଲେ ସେ ବିଷୟରେ କୌଣସି କାରଣ ଦିଆଯାଇ ନଥିଲା, ଆମେ ଏହି ରାୟରେ ନ୍ୟାୟାଳୟ କାହିଁକି ଏପରି ବିବେକିତା ପ୍ରୟୋଗ କରୁଛନ୍ତି ତାହାର ଏକ ବିସ୍ତୃତ ଆଲୋଚନା କରିଛୁ । ତେବେ, ଏହି ଯୁକ୍ତି

1956
ହରିପଦ ଦେ
ବନାମ
ପଶ୍ଚିମ ବଙ୍ଗ ରାଜ୍ୟ
ଏବଂ ଅନ୍ୟଟି

ନ୍ୟାୟାଧୀଶ ଭଗବତୀ

ଆମ୍ଭମାନଙ୍କୁ ଆକୃଷ୍ଟ କରେ ନାହିଁ । ଏକ ପୂର୍ଣ୍ଣ ଏବଂ ନିରପେକ୍ଷ ବିଚାର ହୋଇନଥିବା ପ୍ରସଙ୍ଗରେ ବିଦ୍ୱାନ ମୁଖ୍ୟ ବିଚାରପତିଙ୍କ ସନ୍ଦେହ ଯାହା ବି ହୋଇଥାଇପାରେ, ଆମର ମତ ହେଉଛି ଯେ ଏକ ମାମଲାରେ ଅନୁଚ୍ଛେଦ 134 (1) (c) ଅନୁଯାୟୀ ଏକ ପ୍ରମାଣପତ୍ର ପ୍ରଦାନ କରିବାରେ ତାଙ୍କର କୌଣସି ଅଧିକାରିତା ନଥିଲା, ଯେଉଁଠାରେ ସ୍ୱୀକାର୍ଯ୍ୟ ଭାବରେ ତାଙ୍କ ମତ ଅନୁସାରେ ସମ୍ପୃକ୍ତ ପ୍ରଶ୍ନ ଏକ ତଥ୍ୟଗତ ପ୍ରଶ୍ନ ଥିଲା - ଯେଉଁଠାରେ ଆବେଦନକାରୀଙ୍କୁ ଏକ ସମ୍ପୂର୍ଣ୍ଣ ଏବଂ ନିରପେକ୍ଷ ବିଚାର ପ୍ରଦାନ କରାଯାଇ ନଥିବାରୁ, ପ୍ରଶ୍ନ କେବଳ ତଥ୍ୟ ଉପରେ ଆବେଦନକାରୀଙ୍କର ମାମଲାର ପୁନଃ ବିଚାର କରିବା ଥିଲା । ଏହି ପରିସ୍ଥିତିର ପ୍ରତିକାର କରିବା ଏବଂ ଏକ ସମ୍ପୂର୍ଣ୍ଣ ଏବଂ ନିରପେକ୍ଷ ବିଚାର ପ୍ରଦାନ କରିବା ପାଇଁ କେବଳ ଉଚ୍ଚ ନ୍ୟାୟାଳୟର ଅକ୍ଷମତା ଅନୁଚ୍ଛେଦ 134 (1) (c) ଅନୁଯାୟୀ ଏକ ପ୍ରମାଣପତ୍ର ପ୍ରଦାନ କରିବା ଏବଂ ତଥ୍ୟ ଉପରେ ଏହି ନ୍ୟାୟାଳୟକୁ ଏକ ଆବେଦନ ନ୍ୟାୟାଳୟରେ ପରିଣତ କରିବା ପାଇଁ କୌଣସି ରୂପେ ଯଥାର୍ଥ ହୋଇପାରିବ ନାହିଁ । ସମ୍ବିଧାନର ପ୍ରାସଙ୍ଗିକ ଅନୁଚ୍ଛେଦ ଅନୁଯାୟୀ ଏହି ନ୍ୟାୟାଳୟ ଦ୍ୱାରା କେବଳ ତଥ୍ୟର ପ୍ରଶ୍ନ ଉପରେ ଅଧିକ ବିଚାର ପାରିତ କରିବା ପାଇଁ ଅଧିକାରିତା କୌଣସି ଉଚ୍ଚ ନ୍ୟାୟାଳୟର ନାହିଁ । ଏଥିରେ କୌଣସି ସନ୍ଦେହ ନାହିଁ ଯେ ଆମ ପାଖରେ ସେହି କ୍ଷମତା ରହିଛି ଏବଂ ଉପଯୁକ୍ତ କ୍ଷେତ୍ରରେ ଆମେ ଅନୁଚ୍ଛେଦ 136 (1) ଅନୁଯାୟୀ ଏହାର ପ୍ରୟୋଗ କରିଛୁ । ଯଦିଓ ନ୍ୟାୟର ଗୁରୁତର ଅପପ୍ରୟୋଗ ହୋଇଛି କିମ୍ବା ଆଇନଗତ ପ୍ରକ୍ରିୟାରୁ ବିଚ୍ୟୁତ ହୋଇଛି ଯାହା ସମଗ୍ର ବିଚାର ପ୍ରକ୍ରିୟାକୁ ବ୍ୟର୍ଥ କରେ, ଆମେ ନିଶ୍ଚିତ ଭାବରେ ହସ୍ତକ୍ଷେପ କରିବୁ ଏବଂ ତେବେ ଯଦି ତଥ୍ୟର ଫଳାଫଳ ମଧ୍ୟ ଏପରି ଥିଲା ଯାହା ଆମର ନ୍ୟାୟିକ ବିବେକକୁ ଚକିତ କରିଥିଲା ଆମେ ମଧ୍ୟ ହସ୍ତକ୍ଷେପ କରିବୁ ଏବଂ ଏହିପରି କ୍ଷେତ୍ରରେ ଅନୁଚ୍ଛେଦ 136 (1) ଅନୁଯାୟୀ ଆବେଦନ କରିବାକୁ ବିଶେଷ ଅନୁମତି ପ୍ରଦାନ କରୁ । ତେବେ, ତାହା ହେଉଛି ଏକ ବିଶେଷ ଅଧିକାରିତା ଯାହାକୁ ଆମେ ଅନୁଚ୍ଛେଦ 136 (1) ଅନୁଯାୟୀ ପ୍ରୟୋଗ କରିପାରିବା, କିନ୍ତୁ କୌଣସି ଉଚ୍ଚ ନ୍ୟାୟାଳୟ ସେହି କାର୍ଯ୍ୟକୁ ନିଜେ ଅନଧିକାର ଗ୍ରହଣ କରିପାରିବାରେ ନିଜକୁ ଅସହାୟ ମନେ କରୁଥିବା କାରଣରୁ ନିଜ ଦୃଷ୍ଟିରେ ତଥ୍ୟ ସମ୍ବନ୍ଧୀୟ ପ୍ରଶ୍ନ ସହ ଜଡ଼ିତ ଏପରି ଏକ ମାମଲା ଆମ ନିକଟକୁ ପଠାଇପାରିବେ ନାହିଁ । ଏପରି ସ୍ଥିତିରେ, ଉଚ୍ଚ ନ୍ୟାୟାଳୟ ଅନୁଚ୍ଛେଦ 134 (1) (c) ଅନୁଯାୟୀ ଏକ ପ୍ରମାଣପତ୍ର ଦେବାକୁ ମନା କରିବା ଉଚିତ ଏବଂ ସମ୍ବିଧାନର ଅନୁଚ୍ଛେଦ 136 (1) ଅନୁଯାୟୀ ଆମର ବିଶେଷ ଅଧିକାରିତା କ୍ଷେତ୍ରକୁ ଆହ୍ୱାନ କରି ପକ୍ଷମାନଙ୍କୁ ଆମ ନିକଟକୁ ଆସିବାକୁ କହିବା ଉଚିତ । ତେଣୁ, ଆମର ମତ ହେଉଛି ଯେ ଏହି ମାମଲାରେ କଲିକତା ଉଚ୍ଚ ନ୍ୟାୟାଳୟ ଦ୍ୱାରା ବିସ୍ତୃତ ଭାବରେ ପ୍ରୟୋଗ କରାଯାଇଥିବା ବିବେକିତାକୁ ଭୁଲ ଭାବରେ ବ୍ୟବହୃତ ହୋଇଥିଲା। ଅନୁଚ୍ଛେଦ 134 (1) (c) ଅନୁଯାୟୀ ମଞ୍ଜୁର

ହୋଇଥିବା ପ୍ରମାଣପତ୍ରଟି ଆଦୌ କୌଣସି ପ୍ରମାଣପତ୍ର ନଥିଲା ଏବଂ ଏହା ଆମ ସମ୍ମୁଖରେ ଆବେଦନକାରୀଙ୍କୁ ଉପକୃତ କରେ ନାହିଁ।

*ନରସିଂହ ଏବଂ ଅନ୍ୟ ଜଣେ ମାମଲା ବନାମ ଉତ୍ତର ପ୍ରଦେଶ ରାଜ୍ୟ* ([1]), *ବଲାଦିନ ଏବଂ ଅନ୍ୟମାନେ ବନାମ ଉତ୍ତର ପ୍ରଦେଶ ରାଜ୍ୟ* ([2]) ଏବଂ *ସୁନ୍ଦର ସିଂହ ବନାମ ଉତ୍ତର ପ୍ରଦେଶ ରାଜ୍ୟ*([3]) ମାମଲାରେ ଆମର ନିଷ୍ପତ୍ତିଗୁଡିକୁ ଅନୁସରଣ କରି, ଆବେଦନକାରୀଙ୍କ ତରଫରୁ ଶ୍ରୀ ସୁକୁମାର ଘୋଷ ଅନୁରୋଧ କରିଥିଲେ ଯେ ଏହା ଏକ ଉପଯୁକ୍ତ ମାମଲା ଯେଉଁଠାରେ ଆମେ ଆମର ବିବେଚନାର ପ୍ରୟୋଗ କରିବା ଉଚିତ ଏବଂ ସମ୍ବିଧାନର ଅନୁଚ୍ଛେଦ 136 (1) ଅନୁଯାୟୀ ଆବେଦନ କରିବାକୁ ଆବେଦନକାରୀଙ୍କୁ ବିଶେଷ ଅନୁମତି ପ୍ରଦାନ କରିବା ଉଚିତ । ସେ ଦର୍ଶାଇଥିଲେ ଯେ ଯଦିଓ ଆବେଦନକାରୀ ନିଜ ସପକ୍ଷରେ କୌଣସି ପ୍ରମାଣ ଉପସ୍ଥାପନ କରିନଥିଲେ, ତଥାପି ମାମଲାର ନଥିରେ କେତେକ ଦସ୍ତାବିଜ ରହିଥିଲା, ଯାହାକୁ ଯଦି ସିଦ୍ଧ ବୋଲି ଗ୍ରହଣ କରାଯାଏ, ତେବେ ଏହା ଅଭିଯୋଗ ମାମଲାକୁ ଖାରଜ  କରିବା ପାଇଁ ଯଥେଷ୍ଟ ହୋଇଥାଆନ୍ତା । ଅନୁଚ୍ଛେଦ 134 (1) (c ) ଅନୁଯାୟୀ ଆବେଦନ କରିବାକୁ ଅନୁମତି ପାଇଁ ତାଙ୍କ ଦ୍ୱାରା ପ୍ରମାଣପତ୍ର ମଞ୍ଜୁର ହେବା ସମୟରେ ଦେଇଥିବା ରାୟରେ ମାନ୍ୟବର ପ୍ରଧାନ ବିଚାରପତିଙ୍କ ଦ୍ୱାରା ଏଗୁଡ଼ିକ ଉପରେ ମନ୍ତବ୍ୟ ଦିଆଯାଇଥିଲା । ଏହା ଅନୁରୋଧ କରାଯାଇଥିଲା ଯେ ଏହି ଦସ୍ତାବିଜଗୁଡିକ ଦର୍ଶାଇଥିଲା ଯେ ଉକ୍ତ କାର୍ ଚୋରି ହେବାର କିଛି ସମୟ ପୂର୍ବରୁ, ଆବେଦନକାରୀଙ୍କ ଦ୍ୱାରା ଚନ୍ଦନନଗରରେ ପୋଲିସ କର୍ତ୍ତୃପକ୍ଷଙ୍କୁ ହିଲ୍ମ୍ୟାନ୍ ମିନ୍କ୍ସ 1951 ମଡେଲ୍ କାରର ପଞ୍ଜୀକରଣ ପାଇଁ ଏକ ଆବେଦନ କରାଯାଇଥିଲା ଯେଉଁଥିରେ ଇଞ୍ଜିନ୍, ଚେସିସ୍ ଏବଂ ଟିନ୍-ପ୍ଲେଟ୍ ଉପରେ ସମାନ ନମ୍ବର ଥିଲା ଏବଂ ସେହି ଆବେଦନ ଉପରେ ସହକାରୀ ଉପ ନିରୀକ୍ଷକ ପୋଲିସଙ୍କ ଦ୍ୱାରା ଅନୁସନ୍ଧାନ କରାଯାଇଥିଲା, ଯିଏ ତାଙ୍କ ରିପୋର୍ଟ ପ୍ରସ୍ତୁତ କରିଥିଲେ, ଯାହାର ବିଷୟବସ୍ତୁ ଏହି ମାମଲା ସିଦ୍ଧ କରିବ ଯାହା ଆବେଦନକାରୀଙ୍କ ଦ୍ୱାରା ତାଙ୍କ ପ୍ରତିରକ୍ଷାରେ ଉପସ୍ଥାପିତ ହୋଇଥିଲା । ନିଃସନ୍ଦେହ ଏହା ସତ୍ୟ ଯେ ଅଭିଯୋଗ ପକ୍ଷକୁ ଯୁକ୍ତିଯୁକ୍ତ ସନ୍ଦେହ ବାହାରେ ଏହାର ମାମଲାକୁ ପ୍ରମାଣ କରିବାକୁ ପଡିବ ଏବଂ ଅଭିଯୁକ୍ତକୁ ମୁହଁ ଖୋଲିବାର କିମ୍ବା କୌଣସି ପ୍ରମାଣ ଉପସ୍ଥାପନ କରିବାର ଆବଶ୍ୟକତା ନାହିଁ । ଯଦି ଅଭିଯୋଗ ପକ୍ଷ ନିଜର ମାମଲା ସ୍ଥାପିତ କରିବାରେ ସଫଳ ହୁଏ, ତେବେ ଦଣ୍ଡବିଧାନ ହେବ, କିନ୍ତୁ ଯଦି ଅଭିଯୋଗ ପକ୍ଷ ଅଭିଯୁକ୍ତଙ୍କ ବିରୋଧରେ ପ୍ରସ୍ତୁତ ହୋଇଥିବା ଅଭିଯୋଗକୁ ପ୍ରମାଣ କରିବା ପାଇଁ ତାଙ୍କ ଉପରେ ଥିବା ଦାୟିତ୍ୱକୁ ନିର୍ବାହ କରିବା କରିବାରେ ବିଫଳ ହୁଅନ୍ତି,

---

[1] [1955] 1 S.C.R. 238
[2] A.I.R 1956 S.C. 181
[3] A.I.R 1956 S.C. 411

1956
*ହରିପଦ ଦେ*
*ବନାମ*
*ପଶ୍ଚିମ ବଙ୍ଗ ରାଜ୍ୟ*
*ଏବଂ ଅନ୍ୟଟି*
*ନ୍ୟାୟାଧୀଶ ଭଗବତୀ*

ତେବେ ସେ ଦୋଷ ମୁକ୍ତ ହେବାର ଅଧିକାରୀ ଅଟନ୍ତି । ଏହି ମାମଲାରେ ଉଭୟ ନିମ୍ନ ଅଦାଲତ ରାୟ ଦେଇଛନ୍ତି ଯେ ମୋଟର ବିଶେଷଜ୍ଞଙ୍କ ସମେତ ଡକାଯାଇଥିବା ସାକ୍ଷୀମାନଙ୍କ ପ୍ରମାଣ ଦ୍ୱାରା ଅଭିଯୋଗ ପକ୍ଷ ଏହାର ମାମଲା ପ୍ରମାଣ କରିଥିଲା, ଯିଏ ରାସାୟନିକ ପଦାର୍ଥ ପ୍ରୟୋଗ କରି ଇଞ୍ଜିନ୍ ଉପରେ ସେହି ନମ୍ବରକୁ ଜାଣିବାକୁ ପାଇଥିଲେ ଯାହା ଚୋରି ହୋଇଥିବା କାରର ନମ୍ବର ଥିଲା । ପ୍ରମାଣର ଏହି ସ୍ଥିତିରେ, ଯଦି ସେ ତାଙ୍କ ଯୁକ୍ତିଗୁଡ଼ିକର ସମର୍ଥନରେ ପ୍ରମାଣ ଉପସ୍ଥାପନ କରିବାକୁ ଯଦି ତାଙ୍କ ପ୍ରତିରକ୍ଷା ପ୍ରମାଣ କରିବାକୁ  ଚାହୁଁଥିଲେ ତେବେ ଏହା ଆବେଦନକାରୀଙ୍କ ବାଧ୍ୟତାମୂଳକ କର୍ତ୍ତବ୍ୟ ଥିଲା ଏବଂ ଯଦି ସେ ତାହା ନକରନ୍ତି, ତେବେ ତାଙ୍କୁ କେବଳ ଏଥିପାଇଁ ନିଜକୁ ଧନ୍ୟବାଦ ଦେବାକୁ ପଡିବ । ସେହି ତ୍ରୁଟି ପାଇଁ ଅଭିଯୋଗ ପକ୍ଷକୁ ଦାୟୀ କରାଯାଇପାରିବ ନାହିଁ ଏବଂ ଯଦି ଉଭୟ ନିମ୍ନ ଅଦାଲତ ନଥିରେ ଯାଇ ଏହାକୁ ଏକ ସତ୍ୟ ବୋଲି ବିବେଚନା କରି,ଏହି ସିଦ୍ଧାନ୍ତରେ ପହଞ୍ଚନ୍ତି, ଯେ ଅଭିଯୋଗ ପକ୍ଷ ଏହାର ମାମଲା ପ୍ରତିଷ୍ଠା କରିଛି, ଏହା ଅନୁରୋଧ କରାଯାଇପାରିବ ନାହିଁ, ଯେପରି ଏହି ନ୍ୟାୟାଳୟରେ ଆବେଦନ କରିବାକୁ ଅନୁମତି ପାଇଁ ଆବେଦନରେ ମାନ୍ୟବର ମୁଖ୍ୟ ନ୍ୟାୟାଧୀଶଙ୍କ ଦ୍ୱାରା ଦିଆଯାଇଥିବା ରାୟରେ କରିବାକୁ ଅନୁରୋଧ କରାଯାଇଥିବା ପରି, ଯେ ସେହି ପ୍ରମାଣ, ଯଦି ଉପଲବ୍ଧ , ଅଭିଯୋଗ କରିଥିବା ପକ୍ଷର ମାମଲାକୁ ଧ୍ୱଂସ କରିଦେଇଥାନ୍ତା। ଯଦି ଆବେଦନକାରୀଙ୍କ ପ୍ରତିନିଧିତ୍ୱ କରୁଥିବା ବ୍ୟକ୍ତିମାନେ ନିଜ ଭିତରେ ପରାମର୍ଶ ଗ୍ରହଣ କରିନଥିଲେ ଏବଂ ପ୍ରତିରକ୍ଷା ଉପସ୍ଥାପନ କରିନଥିଲେ ଯେପରି ସେମାନେ କରିବା ଉଚିତ୍ ଥିଲା, ତେବେ ଅଭିଯୋଗପକ୍ଷଙ୍କ ଉପରେ କିମ୍ବା ଆବେଦନକାରୀଙ୍କ ବିପକ୍ଷରେ, ମାମଲାର ବିଚାର କରିଥିବା ବିଦ୍ୱାନ ପ୍ରେସିଡେନ୍ସି ମାଜିଷ୍ଟ୍ରେଟ୍ ଙ୍କ ଉପରେ କୌଣସି ଦୋଷ ନଥିଲା  । ଏହି ପ୍ରସଙ୍ଗରେ ଯେଉଁ ଭାବନା ଆନୀତ ହୋଇଥିବା ପରି ଜଣାପଡୁଛି ତାହା କେବଳ ଅଦରକାରୀ ଅଟେ ଏବଂ ଯଦିଓ ଜଣଙ୍କ ମନର ପ୍ରଚ୍ଛଦପଟରେ ଏକ ଅଲକ୍ଷିତ ସନ୍ଦେହ ଥାଇପାରେ ଏବଂ ଅନୁଭବ କରିପାରେ ଯେ ଏକ ସମ୍ପୂର୍ଣ୍ଣ ଏବଂ ନିରପେକ୍ଷ ବିଚାର ହୋଇନାହିଁ ଯାହା ଅନୁଷ୍ଠିତ ହେବା ଉଚିତ ଥିଲା, ଯେ ଆବେଦନକାରୀଙ୍କ ଦୋଷ ପ୍ରତିଷ୍ଠା କରିବାରେ ଅଭିଯୋଗ ପକ୍ଷ ସଫଳ ହୋଇଥିଲେ ବୋଲି ଏହା ଉଭୟ ନିମ୍ନ ଅଦାଲତ ଦ୍ୱାରା ପହଞ୍ଚିଥିବା ସମାନ ନିଷ୍କର୍ଷର ପ୍ରଚ୍ଛଦକୁ ଯିବାର କୌଣସି ଯଥାର୍ଥତା ନାହିଁ । ସମ୍ବିଧାନର ଅନୁଚ୍ଛେଦ 136 (1) ଅନୁଯାୟୀ ହସ୍ତକ୍ଷେପ କରିବା ପାଇଁ ଆମେ ଏହି ମାମଲାରେ କିଛି ଦେଖୁନାହୁଁ । ତେଣୁ ଏହି ଆବେଦନ ନାକଚ ହେବ ଏବଂ ଆବେଦନ ଖାରଜ ହେବ। ଜାମିନନାମାକୁ ରଦ୍ଦ କରିଦିଆଯାଇଛି ଏବଂ ଆବେଦନକାରୀ ତାଙ୍କ ଜାମିନକୁ ସମର୍ପଣ କରିବେ ।

## ଅସ୍ୱୀକରଣ

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

***ଭାଷାନ୍ତର :***

କ୍ରିଷ୍ଣା ଦାଶ
ଅନୁବାଦିକା
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।